# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**21 July - 2024**

**News Editor : *Itishree Singh Rathaur***

## ସର୍ବଦଳୀୟ ବୈଠକ

ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତାକାଲି ଠାରୁ ଆରମ୍ଭ ହେବ । ଏହା ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ଣ ୧୧ଟାରେ ବୈଠକ ବସିବ । ବଜେଟ୍ ଅଧିବେଶନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବାଚସ୍ପତି ସମସ୍ତଙ୍କ ସହଯୋଗ କାମନା କରିବେ ବୋଲି ଜଣାପଡିଛି। ବୈଠକ ପୂର୍ବରୁ ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଉପମୁଖ୍ୟ ସଚେତକ ନିଯୁକ୍ତ ହେବେ। ସେହିପରି ଆସନ୍ତା ୨୩ ତାରିଖରେ ଉପବାଚସ୍ପତି ପଦ ଲାଗି ନାମାଙ୍କନ ହେବ। ୨୪ ତାରିଖରେ ଫଳାଫଳ ଘୋଷଣା କରାଯିବ। ଆସନ୍ତା ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ।

## ନାକ୍ ମାନ୍ୟତା

ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡିକୁ ଦିଆଯାଉଥିବା ଆସେସମେଣ୍ଟ ଏବଂ ଆକ୍ରିଡିସେନ କାଉନସିଲ ନାକ୍ ମାନ୍ୟତାରେ ପରିବର୍ତ୍ତନ ହେବ । ନାକ୍ ଗ୍ରେଡ୍ ବଦଳରେ ଅଧିସ୍ୱୀକୃତି ଓ ଅଣ ଅଧିସ୍ୱୀକୃତି ମାନ୍ୟତା ମିଳିବ ବୋଲି ନାକ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଅନୁଷ୍ଠିତ

ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାକ୍ ଅଧ୍ୟକ୍ଷ ପ୍ରଫେସର ଅନିଲ୍ ଡି. ସହସ୍ର ବୁଦ୍ଧେ କହିଛନ୍ତି । ସେ କହିଛନ୍ତି, ଗ୍ରେଡେସନ ଉଚ୍ଛେଦ କରାଯାଇ ବାଇନାରୀ ବ୍ୟବସ୍ଥା ପ୍ରଚଳନ କରାଯିବ । ସମ୍ପ୍ରତି ଦେଶରେ ୩୫ ପ୍ରତିଶତ ବିଶ୍ୱବିଦ୍ୟାଳୟ ଓ ୧୫ ପ୍ରତିଶତ ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇଁ ଆବେଦନ କରିଛନ୍ତି । ବାଇନାରୀ ବ୍ୟବସ୍ଥା ଲାଗୁ କରାଗଲେ ଅଧିକ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡିକ ଆବେଦନ କରିପାରିବେ । ନାକ୍‌ର ଲେଭେଲ ୧ରୁ ୫ଯାଏଁ ରହିବ । ସବୁଠାରୁ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକୁ ୫ ଲେଭେଲ ମାନ୍ୟତା ଦିଆଯିବ । ଏହି ବ୍ୟବସ୍ଥା ଆସନ୍ତା ଦୁଇମାସ ମଧ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ସହସ୍ରବୁଦ୍ଧେ କହିଛନ୍ତି ।

## ଯୋଗ ଶିକ୍ଷା

ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଦ୍ୟାଳୟ ଗୁଡିକରେ  ପ୍ରାର୍ଥନା ସଭା ପରେ ୧୦ମିନିଟ୍ ପାଇଁ ଯୋଗ ଶିକ୍ଷା ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। କ୍ରୀଡା ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଦଣ୍ଡାୟମାନ ଅବସ୍ଥାରେ ହୋଇପାରୁଥିବା କିଛି ଯୋଗ, ପ୍ରଣାୟମ ତଥା ଶାରୀରିକ ବ୍ୟାୟାମ କରାଇବେ । ଏହି ପଦକ୍ଷେପ ଦ୍ୱାରା ପିଲାମାନଙ୍କ ପାଠପଢା କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ।

## ପ୍ରାଣୀଧନ ଗଣନା

ପୁରୀରେ ଏକବିଂଶତମ ଜାତୀୟ ପ୍ରାଣୀଧନ ଗଣନା ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପ୍ରାଣୀଧନ ଓ ଦୁଗ୍ଧ ଉତ୍ପାଦନ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ.ପି. ସିଂହ ବଘେଲ କହିଛନ୍ତି, ପ୍ରାଣୀଧନ ଗଣନା ଫଳରେ ପ୍ରାଣୀପାଳକମାନଙ୍କର ଆର୍ଥିକ  ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇପାରିବ । ଏହାଫଳରେ ଉତ୍ପାଦକତା ବୃଦ୍ଧି ପାଇବ ।  ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ବ୍ୟବହାର ଫଳରେ ପ୍ରାଣୀଧନ ଗଣନା ପାଇଁ ରାଜ୍ୟ ଓ ଜିଲ୍ଲା ନୋଡାଲ ଅଧିକାରୀମାନେ ପରବର୍ତ୍ତୀ ପର୍ଯ୍ୟାୟରେ ମାଷ୍ଟର ଟ୍ରେନର ଭାବେ ଦାୟିତ୍ୱ ନିର୍ବାହ କରିବେ । କାର୍ଯ୍ୟକ୍ରମରେ ଓଡିଶା, ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଓ ଛତିଶଗଡରୁ ୨୦୦ରୁ ଅଧିକ ପ୍ରଶିକ୍ଷାର୍ଥୀମାନେ ଯୋଗଦେଇଥିଲେ ।

# ଓଡିଆ ଭାଷା ପ୍ରତିଷ୍ଠାନ

ଭୁବନେଶ୍ୱର ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଓଡିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ କାର୍ଯ୍ୟରେ ଓଡିଆ ଭାଷାର ବ୍ୟବହାର ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଓଡିଆ ବାକ୍ୟଗଠନ,ଚିହ୍ନ ପ୍ରୟୋଗ, ଅନୁବାଦ, ପ୍ରଶାସନିକ ପ୍ରୟୋଗ ଆଦି ସମ୍ପର୍କରେ ତାଲିମ ଦିଆଯାଇଛି । କାର୍ଯ୍ୟକ୍ରମରେ ୧୭ଟି ବିଭାଗର ୨୦୦ରୁ ଅଧିକ କର୍ମଚାରୀ ଓ ଅଧିକାରୀ ଯୋଗଦେଇଥିଲେ ।

## ଫାଇଲେରିଆ ନିରାକରଣ

ଢେଙ୍କାନାଳ ଜିଲ୍ଲାରେ ଫାଇଲେରିଆ ନିରାକରଣ ପାଇଁ ଚାଲିଥିବା ସଚେତନତା କାର୍ଯ୍ୟକ୍ରମର କେନ୍ଦ୍ର ସରକାରଙ୍କ ପକ୍ଷରୁ ମନୋନୀତ ଏକ କେନ୍ଦ୍ରୀୟ ଦଳ ଅନୁଧ୍ୟାନ କରିଛନ୍ତି । ଏହି ଦଳ ହିନ୍ଦୋଳର ବେଡାପଡା ଗ୍ରାମ ବୁଲି ସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ତଦାରଖ କରିଥିଲେ । ପରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଫାଇଲେରିଆ ରୋଗର ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ ।

---

## ଆମ୍ବୁଲାନ୍ସ ସେବା

ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଅନ୍ତର୍ଗତ ଭାଇସାଦାନୀ ଉପ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଜିଲା ପ୍ରଶାସନର ସହଯୋଗରେ ଭାଇସାଦାନୀ ଠାରେ ସୁରକ୍ଷିତ ପ୍ରସବର ଲକ୍ଷ୍ୟ ନେଇ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି । ଏହା ମାଧ୍ୟମରେ ପ୍ରସବ ସମୟରେ ଚିକିତ୍ସା କେନ୍ଦ୍ରକୁ ଯାତାୟତ, ମାଗଣାରେ ଆବଶ୍ୟକ ପରୀକ୍ଷା, ଔଷଧ ସାମଗ୍ରୀ ଆଦି ସୁବିଧା ଉପଲବ୍ଧ କରାଯିବ ବୋଲି ଜଣାପଡିଛି ।

---

## ଫାଓକୁ ସମ୍ମାନୀତ

ସର୍ବଭାରତୀୟ ଫୁଟବଲ ମହାସଂଘ ପକ୍ଷରୁ ୨୦୨୩-୨୪ ବର୍ଷରେ ସର୍ବାଧିକ ପ୍ରତିଯୋଗିତା ଆୟୋଜନ କରିଥିବାରୁ ଓଡିଶା ଫୁଟବଲ ମହାସଂଘ-ଫାଓକୁ ସମ୍ମାନୀତ କରାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ

ଏକ ସମାରୋହରେ ଭାରତୀୟ ଫୁଟବଲର ଉନ୍ନତି ପାଇଁ ଓଡିଶା ରାଜ୍ୟ ଯୁବ ସେବା ବିଭାଗର ସହଯୋଗ ଲାଗି ଫାଓକୁ ସମ୍ମାନୀତ କରାଯାଇଥିବା ଜଣାପଡିଛି ।

## କମଳା ପୂଜାରୀ ଶେଷକୃତ୍ୟ

ପଦ୍ମଶ୍ରୀ କମଳା ପୂଜାରୀଙ୍କ ଆଜି କୋରାପୁଟ ଜିଲ୍ଲା ସ୍ଥିତ ତାଙ୍କ ଗ୍ରାମ ପାତ୍ରପୁଟଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ ହେବ । ସୂଚନା ଅନୁସାରେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ୭୬ବର୍ଷ ବୟସରେ ଶ୍ରୀମତୀ ପୂଜାରୀଙ୍କର ପରଲୋକ ହୋଇଥିଲା ।

## ସନ୍ତରଣ ପ୍ରତିଯୋଗିତା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ସନ୍ତରଣ ଚାମ୍ପିୟନସିପ୍‌ର ଗତକାଲି ଦ୍ୱିତୀୟ ଦିନରେ ୧୫ଶହ ମିଟର ଫ୍ରି ଷ୍ଟାଇଲ ମହିଳା ବର୍ଗରେ ଚିନ୍ମୟୀ ବେହେରାଙ୍କୁ ସ୍ୱର୍ଣ୍ଣପଦକ ମିଳିଛି । ସେହିଭଳି ୧୦୦ମିଟର ଫ୍ରିଷ୍ଟାଇଲ ପୁରୁଷ ବର୍ଗରେ ଜଗଜୀତ୍ ପ୍ରଧାନ, ୨୦୦ମିଟର ରିଲେ ଗ୍ରୁପ-ଓ୍ୱାନରେ ମନତା ମିଶ୍ରଙ୍କୁ ସ୍ୱର୍ଣ୍ଣପଦକ ମିଳିଛି ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଚିଲିକା ଉପରେ ରହିଥିବାବେଳେ ଉତ୍ତର ପଶ୍ଚିମ ଓଡିଶା ଦେଇ ଛତିଶଗଡ ଆଡକୁ ଅଗ୍ରସର କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତ ୨୪ଘଣ୍ଟା ମଧ୍ୟରେ ମାଲକାନଗିରିର ଚିତ୍ରକୋଣ୍ଡାଠାରେ ସର୍ବାଧିକ ୨୨୦ଦଶମିକ ୫ମିଲିମିଟର ବର୍ଷା ରେକର୍ଡ ହୋଇଛି ।